### ଦୀର୍ଘ ୧୨ ବର୍ଷ ପରେ ଆଜି ମାରାଗୁଡ଼ା ଲୋକ ମହୋତ୍ସବ

# ‘ସର୍ବଧର୍ମର ସମନ୍ୱୟ କ୍ଷେତ୍ର ମାରାଗୁଡ଼ା ସଭ୍ୟତା’

**ନୂଆପଡ଼ା, ୩୧।୩(ସମିସ):** ମାରାଗୁଡ଼ା ସଭ୍ୟତା ନୂଆପଡ଼ା ଜିଲ୍ଲାର ଗର୍ବ ଓ ଗୌରବ। ଆଜି ବି ସଭ୍ୟତାର ଧ୍ୱଂସାବଶେଷ ନୂଆପଡ଼ା ଜିଲ୍ଲାର ସଦର ବ୍ଲକରେ ଅବସ୍ଥିତ। ସଦର ବ୍ଲକର ପଶ୍ଚିମ ଦିଗରେ ନିରବ, ନିଶ୍ଚଳ ହୋଇ ଶୋଇପଡ଼ିଛି ମାରାଗୁଡ଼ା। ଏବେ ବି ତା ଅନ୍ତରରେ ଅନେକ ଅକୁହା କଥା ଖୁନ୍ଦି ହୋଇରହିଛି। କିଛି ଅଂଶ ଖନନ ହୋଇଛି, ଅଧିକାଂଶ ବିରାଟ ଅଞ୍ଚଳ ଏବେ ବି ମାଟି ତଳେ ପୋତି ହୋଇରହିଛି। ମାରାଗୁଡ଼ାକୁ ଖନନ କଲେ ଅନେକ ଅକୁହା କଥା ପୁଣି ଲୋକଲୋଚନକୁ ଆସି ପାରନ୍ତା। ଆମ ଇତିହାସ ପୁଣି ସମୃଦ୍ଧ ହୋଇପାରନ୍ତା। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ତଥ୍ୟରୁ ୧୯୭୪ରୁ ୧୯୮୪ ମଧ୍ୟରେ ମାରାଗୁଡ଼ାକୁ ଖନନ କରାଯାଇଥିଲା। ଖନନ ବେଳେ ଅନେକ ମନ୍ଦିରର ଧ୍ୱଂସାବଶେଷ, ରାଜପ୍ରାସାଦର ଧ୍ୱଂସାବଶେଷ, ଅନେକ ଧର୍ମ ମତବାଦର ମୂର୍ତ୍ତି ମିଳିଥିଲା। ଯାହାକୁ ଅନୁଶୀଳନ କରି ପ୍ରତ୍ନତତ୍ତ୍ୱବିତ୍‌ମାନେ ମାରାଗୁଡ଼ାର ଇତିହାସ ଲୋକ ଲୋଚନକୁ ଆଣିଛନ୍ତି। ଲୋକ କଥାରୁ ଜଣାଯାଏ, ଦିନ ଥିଲା ମାରାଗୁଡ଼ା ଦକ୍ଷିଣ କୋଶଳ ରାଜ୍ୟର ରାଜଧାନୀ ଥିଲା। ଆଉ ଏହି ରାଜ୍ୟର ରାଜା ଥିଲେ ଭାନୁମନ୍ତ। ରାଜାଙ୍କ ଏକମାତ୍ର କନ୍ୟା ଥିଲେ, ତାଙ୍କ ନାମ ଥିଲା କୌଶଲ୍ୟା। ଯିଏ କି ଅଯୋଧ୍ୟାର ରାଜା ଦଶରଥଙ୍କୁ ବିବାହ କରିଥିଲେ। ପରେ ସେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ମାଁ ହୋଇଥିଲେ। ଗୋଟିଏ ଉକ୍ତିରେ କହିବାକୁ ଗଲେ, ମାରାଗୁଡ଼ା ଥିଲା ଶ୍ରୀରାମଙ୍କ ମାମୁଁଘର। କୌଶଲ୍ୟାଙ୍କୁ ବିବାହ କଲା ପରେ ଏହି ଅଞ୍ଚଳ ଅଯୋଧ୍ୟା ରାଜା ଦଶରଥଙ୍କ ଶାସନାଧୀନ ହୋଇଥିଲା। ପରେ ଏ ଅଞ୍ଚଳର ରାଜା ହୋଇଥିଲେ କୁଶ। ଆଉ ତାଙ୍କ ରାଜଧାନୀର ନାମ ରଖିଥିଲେ କୁଶସ୍ଥଳୀ। ପୁଣି ମହାଭାରତ କାଳରେ ଏଅଞ୍ଚଳର ବର୍ଣ୍ଣନା ମଧ୍ୟ କରାଯାଇଛି। ବିନ୍ଧ୍ୟ ପ୍ରସ୍ତ




ନିବାଶିନଃ, ଛେଦି, ନିଷାଦ, ବିଦର୍ଭ ଯାହା କି ବିନ୍ଧ୍ୟ ପର୍ବତର ପାଦଦେଶରେ ଅବସ୍ଥିତ। ପୁରାଣରେ ୫ଟି କୋଶଳର ବର୍ଣ୍ଣନା ରହିଛି। ଯାହାକୁ କି ମହାକୋଶଳ କୁହାଯାଏ। ଅନେକ ବୌଦ୍ଧ ଧର୍ମଗ୍ରନ୍ଥରେ ମଧ୍ୟ ଏଅଞ୍ଚଳ ସମ୍ପର୍କରେ ବର୍ଣ୍ଣନା ରହିଛି। ଦାରୁବଣ, ଦଣ୍ଡକାରଣ୍ୟ, କାନ୍ତାର, ନିଷାଧ, ଦକ୍ଷିଣ କୋଶଳ ଓ ମହାକୋଶଳ। ବ୍ରିଟିଶ ଶାସନର ପ୍ରାରମ୍ଭରେ ଜଣେ ଇଂରେଜ ପ୍ରଶାସକ ଏହି ଅଞ୍ଚଳକୁ ନେଇ ସର୍ଭେ କରି ଏକ ପୁସ୍ତକ ରଚନା କରିଥିଲେ। ମହାଭାରତରେ ବର୍ଣ୍ଣିତ ଗିରିପ୍ରସ୍ଥ, ଯାହାର କି ମାରାଗୁଡ଼ା ସହିତ ଅନେକ ସାମଞ୍ଜସ୍ୟ ରହିଛି। ଖ୍ରୀପୂ ୬୩୦ -୬୪୫ ମଧ୍ୟରେ ଏହି ମାରାଗୁଡ଼ାକୁ ଚୀନ ପରିବ୍ରାଜକ ହୁଏନ ସାଂ ଆସିଥିବା ଇତିହାସରୁ ଜଣାଯାଏ। ମାରାଗୁଡ଼ା ସଭ୍ୟତାରେ କୁଷାଣ, ସାତବାହାନ, ଭକଟକ, ନଳ, ସରଭପୁରୀୟ, ପାଣ୍ଡୁ ବଂଶୀ, ସୋମବଂଶୀ, କଳାଚୁରୀ ଏବଂ ଚୌହାନ ରାଜବଂଶର ରାଜାମାନେ ଶାସନ କରିଥିଲେ। ମାରାଗୁଡ଼ା ସଭ୍ୟତାର ଖନନରୁ ଅନେକ କିଛି ମାଟି ତଳୁ ବାହାରିଛି। ବିଶେଷ କରି ଚଣ୍ଡି ମନ୍ଦିର, ନକଟିକଛାର, ବାଗ କଛାର, ଦେଉଳ ଡଙ୍ଗର, ଛେଲିଆଗଡ଼ କମ୍ପ୍ଲେକ୍ସ, ହାତୀ ଗୋରରା, ତ୍ରୀଶୂଳ ପାହାଡ଼, ଦାନିରାଜା ସ୍ତୁପ, ବେପାରୀମହଲ, ରାନୀ ମହଲ, ଚିଙ୍ଗରା କଛାର, ଚନ୍ଦନ ମହଲ, ଭୁଞ୍ଜିଆ ମହଲ, ପାଟରାନୀ ମହଲ, ତେଜ ମହଲ, ଭଣ୍ଡାରା ମହଲ, ଭୀମ ମହଲ, ଫୁଲବାଲି ମହଲ ଓ ଡାକୁ କଛାର ଇତ୍ୟାଦି। ଏସବୁକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ମାରାଗୁଡ଼ା ସଭ୍ୟତାରେ ଶୈବ, ଶାକ୍ତ, ବୈଷ୍ଣବ, ବୌଦ୍ଧ ଓ ଜୈନ ଆଦି ଧର୍ମର ଏକ ସମନ୍ୱୟ କ୍ଷେତ୍ର ଥିଲା। ପରବର୍ତ୍ତୀ ସମୟରେ ନୂଆପଡ଼ା ଜିଲ୍ଲା ଗଠନ ହୁଏ। ତତ୍କାଳୀନ ଜିଲ୍ଲା ପ୍ରଶାସନର ଉଦ୍ୟମ କ୍ରମେ ଜିଲ୍ଲା ପ୍ରତିଷ୍ଠା ଦିନକୁ ମାରାଗୁଡ଼ା ଲୋକ ମହୋତ୍ସବ ଭାବରେ ପାଳନ କରାଗଲା। ଧୀରେ ଧୀରେ ଲୋକ ମହୋତ୍ସବର ରୂପ ନେଲା। ହେଲେ ବିଭିନ୍ନ କାରଣରୁ ୨୦୧୨ପରେ କାର୍ଯ୍ୟକ୍ରମ ବନ୍ଦ ହୋଇଥିଲା। ବର୍ତ୍ତମାନ ପୁଣି ଥରେ ଜିଲ୍ଲାବାସୀଙ୍କ ଦାବି ଓ ଆବେଗକୁ ଗୁରୁତ୍ୱ ଦେଇ ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ବିଭାଗ ଆରମ୍ଭ କରିଛି ମାରାଗୁଡ଼ା ଲୋକ ମହୋତ୍ସବ-୨୦୨୫।

## ସେମାନେ ଯାହା କୁହନ୍ତି....



ମାରାଗୁଡ଼ା ସଭ୍ୟତା ସମଗ୍ର ରାଜ୍ୟ ତଥା ଦେଶ ପାଇଁ ବହୁ ଗୁରୁତ୍ୱ ବହନ କରିଥାଏ। ଏହାର ପୁନଃରୁଦ୍ଧାର କରିବାର ଆବଶ୍ୟକ୍ତା ରହିଛି। ସଭ୍ୟତାର ପୃଷ୍ଠଭୂମିରେ ଆଜି ନୂଆପଡ଼ା ଭଳି ଜିଲ୍ଲା ଦଣ୍ଡାୟମାନ ରହିଛି। ମାରାଗୁଡ଼ା ସଭ୍ୟତାର ବୈଭବ ଏବଂ ସଂସ୍କୃତି ମହକ ଆଜି ବି ଏହି ମାଟିରେ ଦେଖିବାକୁ ମିଳିଥାଏ।

**ଡ.ଶିବପ୍ରସାଦ ବେହେରା, ଅବସରପ୍ରାପ୍ତ ଡିଏ, ଡିଏଭି କଲେଜ ଅଧ୍ୟକ୍ଷ**



ସରଭପୁରୀଅ, ସୋମ ବଂଶୀୟ ରାଜାମାନଙ୍କର ଗଡ଼ଥିଲା ମାରାଗୁଡ଼ା। ସରକାରୀସ୍ତରରେ ପ୍ରୋତ୍ସାହିତ କରିବାକୁ ଏହି ନାଁରେ ଜିଲ୍ଲାପ୍ରତିଷ୍ଠା ଦିବସକୁ ନାମକରଣ କରାଯାଇଛି। ନିହାତି ଭାବେ ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ ହୋଇଛି। ଜିଲ୍ଲାର ଜନସାଧାରଣଙ୍କ ଦାବି ଏବଂ ଆବେଗକୁ ଗୁରୁତ୍ୱ ଦେଇ ସଂସ୍କୃତି ବିଭାଗ, ଜିଲ୍ଲାପାଳଙ୍କ ଉଦ୍ୟମରେ ଏହା ପୁଣିଥରେ ଆରମ୍ଭ ହୋଇଛି। ଏହାକୁ ଜିଲ୍ଲାବାସୀ ଗତିଶୀଳ କରିବା ଦରକାର।

**ଡ.ମେଜର ରାମଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ନ୍ୟାସନାଲ କଲେଜ ଅଧ୍ୟକ୍ଷ**



ଓଡ଼ିଶା ଏବଂ ଛତିଶଗଡ଼ ସୀମାନ୍ତରେ ରହିଥିବା ନୂଆପଡ଼ା ଭଳି ଜିଲ୍ଲାରେ ବିଶେଷ କରି ଭାଷା ସାହିତ୍ୟର ସୁରକ୍ଷା ପାଇଁ ମାରାଗୁଡ଼ା ଭଳି କାର୍ଯ୍ୟକ୍ରମର ଆବଶ୍ୟକ୍ତା ରହିଛି। ଏଥର ଜିଲ୍ଲାପ୍ରତିଷ୍ଠା ଦିବସରେ ମାରାଗୁଡ଼ା ଲୋକ ମହୋତ୍ସବ ସହ ପଲ୍ଲିଶ୍ରୀ ମେଳା ମଧ୍ୟ କରାଯାଉଛି। ଏହା ନିହାତି ଭାବେ ଶୁଭଙ୍କର ହୋଇଛି। ଏଥର କାର୍ଯ୍ୟକ୍ରମ ନୂଆ କଳେବର ନେଇ ଆସୁଛି।

**ମାୟାଧର ସରାଫ, ସାମ୍ବାଦିକ**



ଦୀର୍ଘ ୧୨ ବର୍ଷ ପରେ ମାରାଗୁଡ଼ା ଲୋକ ମହୋତ୍ସବ ଆସିଛି। ସାରା ଜିଲ୍ଲାବାସୀ ଏହି ଦିନଟିକୁ ଜଗି ରହିଥିଲେ। କମ ସମୟ ମଧ୍ୟରେ ହୋଇଥିଲେ ମଧ୍ୟ ଜିଲ୍ଲାପ୍ରଶାସନର ପ୍ରସ୍ତୁତି ଜୋରଦାର୍ ହୋଇଛି। ଆଗାମୀ ଦିନରେ ଏହାକୁ ଟିକିଏ ବ୍ୟାପକ ପ୍ରସ୍ତୁତିର ଆବଶ୍ୟକ୍ତା ରହିଛି। କାର୍ଯ୍ୟକ୍ରମ ସହ ଲୋକଙ୍କ ଆବେଗ ଲାଗି ରହିଛି। ଜିଲ୍ଲା ତଥା ରାଜ୍ୟସ୍ତରୀୟ ଲୋକକଳାର ସଙ୍ଗମ ହେବ। କବି ସମ୍ମିଳନୀ, ପୁସ୍ତକ ମେଳା ମଧ୍ୟ ସ୍ୱତନ୍ତ୍ର ରହିବ।

**ଶଙ୍କର୍ଷଣ ପୁରୋହିତ, ସଭାପତି ସାରଳା ସଙ୍ଗୀତ ଅନୁଷ୍ଠାନ**

### ● ନିୟନ୍ତ୍ରଣ ହରାଇ ପୋଲ ତଳକୁ ଖସିଲା ବାଇକ୍

## ବାପା ଆଗରେ ପୁଅର ମୃତ୍ୟୁ

ଥୁଆମୂଳ ରାମପୁର, ୩୧।୩(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା କାଣିଗୁମା ପଞ୍ଚାୟତର ଯୁବାଙ୍ଗ ଗ୍ରାମର ଜଣେ ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କ ବାପା ଗୁରୁତର ହୋଇଛନ୍ତି। ମୃତ ଯୁବକ ଜଣକ ହେଲେ ରାମେଶ୍ୱର ଗଡ଼ଡ଼ (୨୪)। ତାଙ୍କ ବାପା ଚେରାଙ୍ଗ ଗଉଡ (୫୫) ଗୁରୁତର ହୋଇଛନ୍ତି। ବାପା, ପୁଅ ବାଇକ୍‌ରେ ଜୁନାଗଡ଼ ଯାଉଥିବା ବେଳେ ଗାଁ ନିକଟରେ ଦୁର୍ଘଟଣା ଘଟିଥିଲା। ନିୟନ୍ତ୍ରଣ ହରାଇ ବାଇକ୍‌ଟି ଏକ ପୋଲ ତଳକୁ ଖସି ପଡ଼ିଥିଲା। ଘଟଣା ସ୍ଥଳରେ ହିଁ ବାଇକ୍ ଚଳାଉଥିବା ରାମେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ଚେରାଙ୍ଗ ଥୁଆମୂଳ ରାମପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତେବେ ଖବର ପାଇ ଥୁଆମୂଳ ରାମପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରଥିଲା।

## କାଳୀକୃଷ୍ଣ ସଂଘର ମହାବିଷ୍ଣୁ ଯଜ୍ଞ ଉଦ୍‌ଯାପିତ

କୋକସରା, ୩୧।୩(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସାନ ପୋଡାଗୁଡାରେ ଗତ ୨୮ ତାରିଖରୁ ଚାଲିଥିବା କାଳୀକୃଷ୍ଣ ସଂଘର ୪୨ତମ ନବକୁଣ୍ଡୀୟ ବିଶ୍ୱଶାନ୍ତି ମହାବିଷ୍ଣୁ ଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଛି। ସଦଗୁରୁଦେବ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ପ୍ରତିଷ୍ଠିତ କାଳୀକୃଷ୍ଣ ସଂଘର ଏହି ମହାବିଷ୍ଣୁଯଜ୍ଞରେ କଳସ ଯାତ୍ରା, ପୂଜନ, ହବନ, ମୁଣ୍ଡନ, କୁଣ୍ଡାବୋରୀ, ବିବାହ, ବ୍ରତ, ସଂସ୍କାର କାର୍ଯ୍ୟକ୍ରମ ସହ ପ୍ରବଚନ ଆଦି ଅନୁଷ୍ଠିତ ହୋଇଥିଲା। ସଂଘ ପରିଚାଳକ ଜଗଦାନନ୍ଦ ଜୀଙ୍କ ତତ୍ତ୍ୱାବଧାନରେ ଏହି ଯଜ୍ଞକାର୍ଯ୍ୟ ସମ୍ପନ୍ନ ହୋଇଛି।




## ଲାଞ୍ଜିଗଡ଼ରେ ଅଭିଭାବକ ସମ୍ମିଳନୀ

ଲାଞ୍ଜିଗଡ଼, ୩୧।୩(ସମିସ): ଲାଞ୍ଜିଗଡ଼ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ଉମାକାନ୍ତ ବେଣୁପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ଲକ୍ଷ୍ମୀପ୍ରିୟା ମୁଦୁଲି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ସଞ୍ଜୁ ମାଝୀ, ଡାକ୍ତର ନରେନ୍ଦ୍ର ନାଥ ଦାସ, ଲାଞ୍ଜିଗଡ଼ ଅଗ୍ନିଶମ ବିଭାଗର ଦୁଷ୍ମନ୍ତ ସାହୁ, ସାମ୍ବାଦିକ କ୍ଷମାନିଧି ମହାଖୁଡ଼, ପରେଶ ନାୟକ, ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଡ. ମାନସ ରଞ୍ଜନ ରଥ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ନିହାରକାନ୍ତ ବିଶ୍ୱାଳ, ଅଧ୍ୟାପକ ଅକ୍ଷୟ ପୁରୋହିତ, ଅଧ୍ୟାପକ ଦିଲ୍ଲୀପ ମହାନ୍ତି, ଅଧ୍ୟାପକ ହୀରାଧନ ଦେବନାଥ, ଅଧ୍ୟାପିକା ସୁନିତା ଧଙ୍ଗଡ଼ାମାଝୀ, ବିଜ୍ଞାନଗାର ସହାୟିକା ପି. ପ୍ରିୟଦର୍ଶନୀ ପାତ୍ର, ପ୍ରାଣୀ ବିଜ୍ଞାନ ବିଜ୍ଞାନଗାର ସହାୟକ ପାର୍ଥ ସାରଥୀ ବାରିକ, ସହାୟକ ହରିକୃଷ୍ଣ ବିଶୋୟୀ, ମେଟ୍ରୋନ ଖୁଲଣା ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କଲମପୁରରେ ରାଷ୍ଟ୍ରୀୟ ନବବର୍ଷ ସମାରୋହ

କଲମପୁର, ୩୧।୩(ସମିସ): କଲମପୁର ନିର୍ମାଲ୍ୟ କ୍ଷେତ୍ର ବିଜେ ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ହିନ୍ଦୁ ନବବର୍ଷ ଆୟୋଜିତ ହୋଇଯାଇଛି। କଲମପୁର ଅଞ୍ଚଳର ବିଶିଷ୍ଟ ରାଜନୀତି ସମୀକ୍ଷକ ମହେନ୍ଦ୍ର ନାଥ ସାହୁ, ଶିକ୍ଷାବିତ ପ୍ରିୟରଞ୍ଜନ ମାଝି, ଅରବିନ୍ଦ ବାଣୁଆ, ନଳିନୀପ୍ରଭା ଦାସ, ଝରଣା ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ବିଶ୍ୱ ହିନ୍ଦୁ ପରିଷଦ କଲମପୁର ଉପଖଣ୍ଡ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମା ଯୋଗ ଦେଇ ଥିବା ବେଳେ ଦିଲୀପ ଗୁପ୍ତା ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧନଞ୍ଜୟ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଶ୍ୱିନୀ ସେନାପତି, ଶିକ୍ଷାବିତ ମନୋଜ ମିଶ୍ର, ଗାନ୍ଧୀ ଶର୍ମା, ଦାମ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଏନ୍‌ଏସ୍‌ଡିରେ ନାଟକ ‘ବନାଗୁଦା’ ମଞ୍ଚସ୍ଥ

ଭବାନୀପାଟଣା, ୩୧।୩ (ସମିସ): ଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ (ଏନ୍‌ଏସ୍‌ଡି) ରେ ଆୟୋଜିତ ଆଦି ରଙ୍ଗ ମହୋତ୍ସବରେ ଭବାନୀପାଟଣା କାରୁଣ୍ଡ କଳାମଞ୍ଚର ନାଟକ ‘ବନାଗୁଦା’ ସ୍ଥାନ ପାଇଛି। ୧୯୯୫ ମସିହାରେ ନାଟ୍ୟଭୂଷଣ ପ୍ରଦୀପ ଡି. ମାଝୀଙ୍କ ଦ୍ୱାରା ରଚିତ ଏହି ନାଟକରେ କଳାକାରମାନେ ନିଖୁଣ ଅଭିନୟ କରିଥିଲେ। ଆଦିବାସୀ ସଭ୍ୟତାରେ କିପରି ବନାଗୁଦା ବା ଟାଟୁ କରିବା ସଂସ୍କୃତିର ଆରମ୍ଭ ହୋଇଥିଲା ତାହା ଏହି ନାଟକ ମାଧ୍ୟମରେ ଦର୍ଶାଯାଇଛି। ଆର୍ତ୍ତତ୍ରାଣ ସାହୁ, କାହ୍ନୁଚରଣ ଗଉଡ, ରିୟାଜ ଖାନ୍, ରାମେଶ୍ୱର ତ୍ରିପାଠୀ, କେ. ଗୋପିଧର ନାୟର, ଶମ୍ଭୁ ବିଶି, ବିଷ୍ଣୁ ବଇସଲ୍, ଦୀପ୍ତିମୟୀ ସିଂ, ଆଶାରାଣୀ ପଣ୍ଡା, ବିଜେତା ବାଗ୍, ସାଲିନି ପ୍ରଧାନ ଏବଂ ମୁସକାନ ବଇସଲ ପ୍ରମୁଖ ଏହି ନାଟକରେ ଅଭିନୟ କରିଥିଲେ। ନରେନ୍ଦ୍ର ପଣ୍ଡା, ଦେବେନ୍ଦ୍ର ବାଗ୍, ପବିତ୍ର ଗହିର, ଅଜୟ ଗୋପାଲ ଏବଂ ଏଲ୍ ଈଶ୍ୱର ରାଓ ପ୍ରମୁଖ ସଙ୍ଗୀତ ଦାୟିତ୍ୱ ସମ୍ଭାଳିଥିଲେ। କ୍ଷୀରସିନ୍ଧୁ ନାଏକ ଏବଂ ସିପ୍ରା ରାୱଲ କଣ୍ଠ ଦାନ କରିଥିଲେ।

## ସାମାଜିକ କର୍ମୀଙ୍କ ପରଲୋକ



ଧର୍ମଗଡ଼, ୩୧।୩(ସମିସ): ଧର୍ମଗଡ଼ ବ୍ଲକ ଧଅରପୁର ଗ୍ରାମର ସାମାଜିକ କର୍ମୀ ପ୍ରକାଶ କବରିଆ (୫୩) ଆଉ ନାହାନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବା ପରେ ଚିକିତ୍ସା ପାଇଁ ବିଶାଖାପାଟଣା ଡାକ୍ତର ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଛି। ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସତ୍କାର କରାଯାଇଛି। ତାଙ୍କ ମୃତ୍ୟୁରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଗଭୀର ଶୋକ ବ୍ୟକ୍ତ କରିଥିବା ବେଳେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।




## ‘ବେଟି ବଚାଓ ବେଟି ପଢ଼ାଓ’ କାର୍ଯ୍ୟକ୍ରମ

କେସିଙ୍ଗା, ୩୧।୩(ସମିସ): କେସିଙ୍ଗା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାଳିକା ଶିକ୍ଷା ଓ ସଶକ୍ତିକରଣ ଉପରେ ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀର ବେହେରା ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ସଫଳ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ବିଦ୍ୟାଳୟର ଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବାହାରି କେସିଙ୍ଗା ସହର ପରିକ୍ରମା କରିଥିଲେ। ଏକ ସୁସ୍ଥ ଓ ଗୁଣାତ୍ମକ ସମାଜ ଗଠନରେ ବାଳିକାମାନଙ୍କ ଭୂମିକା ସମ୍ପର୍କରେ ପ୍ଲାକାର୍ଡ ଧରି ସ୍ଲୋଗାନ୍ ଦେଇଥିଲେ।

**ଗୋଲାମୁଣ୍ଡା:** ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ୟାମସୁନ୍ଦର ଅଗ୍ରୱାଲ, ବିଦ୍ୟାଳୟର ସଭାପତି ସୁଜାତା ରାଉତ, ଅଙ୍କୁର ଅଧିକାରୀ, ସସ୍ମିତା ମଙ୍ଗରାଜ, ବିକ୍ରମ ମାଝି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ନୀଳାମ୍ବର ବିଶି ଅଧ୍ୟକ୍ଷତା କରିଥିଲେ।

## ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ

କୋମନା, ୩୧।୩(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସିହିନାମୁଣ୍ଡା ଗାଁରେ ଆୟୋଜିତ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଛି। ନାମଯଜ୍ଞର ପୂଜକ ଭାବେ ଅର୍ଜୁନ ରଥ, ରବୀନ୍ଦ୍ର ଯୋଶୀ ଓ କର୍ତ୍ତା ଭାବେ ଗୋପାଳ ହଂସ ଓ ତୁଲଦେଇ ହଂସ ଦାୟିତ୍ୱ ତୁଲାଇଥିଲେ। ସଭାପତି ବେଲାରସିଙ୍ଗ ହଂସ, ଉପସଭାପତି ଡ. ମାଧବ ପ୍ରସାଦ ସାହୁ, ସମ୍ପାଦକ ଅଶୋକ କଠାର, କୋଷାଧ୍ୟକ୍ଷ ଅର୍ଜୁନ କଠାର, ଝାଙ୍କର ଖଗେମନି ହଂସ, ଉପଦେଷ୍ଟା ଜଗଦୀଶ ହଂସ, ଟେଙ୍ଗନୁ କଠାର, ଉମାଶଙ୍କର ହଂସ, ଶଶିକାନ୍ତ ମିର୍ଦ୍ଧା, ଭୋଗିନ୍ଦ୍ର ଜଗତ ତଥା ଆୟୋଜକ ସିହିନାମୁଣ୍ଡା ଗ୍ରାମବାସୀ ନାମଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।



# କପିଲାଭଟାରେ ଧାନମଣ୍ଡି ସ୍ଥାପନ ଦାବି



**ସିନ୍ଧେକେଲା, ୩୧।୩ (ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ପଞ୍ଚାୟତ ମୁଖ୍ୟାଳୟଠାରେ କୃଷି ସମବାୟ ସମିତି ଲିଃ କାର୍ଯ୍ୟାଳୟ (ଧାନମଣ୍ଡି ) ସ୍ଥାପନ ପାଇଁ ଟିଟିଲାଗଡ଼ ମଣ୍ଡଳ ବରିଷ୍ଠ ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି ଅଞ୍ଚଳବାସୀ। ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି ହେଲେ ପ୍ରତିଶ୍ରୁତି ପାଣିର ଗାର ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବଲାଙ୍ଗିର ଜିଲ୍ଲାର ଶେଷ ସୀମାରେ ଥିବା କପିଲାଭଟା ପଞ୍ଚାୟତରେ ସ୍ଥାପନ କଲେ ନିକଟସ୍ଥ ପଞ୍ଚାୟତର ବିଭିନ୍ନ ଗାଁର ଚାଷୀ ଭାଇ ମାନେ ସୁବିଧାରେ ନିଜ ଧାନକୁ ବିକ୍ରି କରି ପାରିବେ ବୋଲି ଆଶା କରିଛନ୍ତି। କିଛିଦିନ ତଳେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ଅଞ୍ଚଳବାସୀ ସାକ୍ଷାତ କରି ମଣ୍ଡି ସ୍ଥାପନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ବିଧାୟକ ଲକ୍ଷ୍ମଣ ବାଗ ପ୍ରତିଶ୍ରୁତି ଦେଇଥିଲେ। କେଦାର ଭୋଇଙ୍କ ନେତୃତ୍ୱରେ ମା' ସାହାଜି ଯୁବକ ସଂଘର ସମ୍ପାଦକ ହୁଲେଶ୍ୱର ହଂସ, ଯୁବନେତା ଧର୍ମେନ୍ଦ୍ର ଦାସଙ୍କ ସହ ଅଞ୍ଚଳବାସୀ ସାମିଲ ହୋଇଥିଲେ। ଟିଟିଲାଗଡ଼ ମଣ୍ଡଳ ସମବାୟ ସମିତି ସମୂହ ବରିଷ୍ଠ ସହକାରୀ ନିବନ୍ଧକ ସନ୍ତୋଷ କୁମାର ମଲ୍ଲିକ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ଗନ୍ଧମାର୍ଦ୍ଦନରେ ମାଓବାଦୀଙ୍କ ଉପସ୍ଥିତି ଜାହିର

# କମ୍ବିଂ ସତ୍ତ୍ୱେ; ପୁଲିସକୁ ମିଳୁନି ବଡ଼ ସଫଳତା

**ବଲାଙ୍ଗିର, ୩୧।୩(ସମିସ)**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଅଞ୍ଚଳରେ ଥିବା ଗନ୍ଧମାର୍ଦ୍ଦନରେ ପୁଣି ମାଓବାଦୀଙ୍କ ଉପସ୍ଥିତି ଜଣାପଡ଼ିଛି। ଦୁଇଦିନ ତଳେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଛତିଶଗଡ଼ ରାଜ୍ୟରୁ ମାଓବାଦୀମାନଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି କେନ୍ଦ୍ର ଓ ଛତିଶଗଡ଼ ରାଜ୍ୟ ସରକାର ଆପଣେଇ ଥିବାବେଳେ ଗର୍ନ୍ଧମାର୍ଦ୍ଦନ ଅଞ୍ଚଳରେ ମାଓବାଦୀଙ୍କ ସକ୍ରିୟତା ବଢ଼ିବାରେ ଲାଗିଥିବା ଆଲୋଚନା ହେଉଛି। କିନ୍ତୁ ଜିଲ୍ଲା ଓ ସ୍ଥାନୀୟ ଜିଲ୍ଲା ପୁଲିସ ପକ୍ଷରୁ ସେହି ଧରଣର ଅପରେସନ ହେଉ ନ ଥିବାରୁ ଜିଲ୍ଲା ସୀମାକୁ ମାଓବାଦୀମାନେ ପ୍ରବେଶ କରିବାରେ ସଫଳ ହେଉଥିବା ଅଭିଯୋଗ ହୋଇଛି। ଏହାରି ଭିତରେ କମ୍ବିଂ, ଗୁଳି ବିନିମୟ, ସର୍ଚ୍ଚ ଅପରେସନ ଓ ମାଓ କ୍ୟାମ୍ପ ଠାବକୁ ଛାଡ଼ିଦେଲେ ବଲାଙ୍ଗିର ପୁଲିସକୁ ସେହିଭଳି କିଛି ସଫଳତା ମିଳିନାହିଁ। ଶେଷଥର ପାଇଁ ଖପ୍ରାଖୋଲ ଯୁନାନୀବାହାଲ ଠାରେ ଏକ ମାଓ ଏନ୍‌କାଉଣ୍ଟର କରାଯାଇଥିଲା।

ଗତ କିଛିଦିନ ହେଲା ଖପ୍ରାଖୋଲ ଥାନା ଅଧୀନସ୍ଥ ଗର୍ନ୍ଧମାର୍ଦ୍ଦନ ଅଞ୍ଚଳରେ ପୁଲିସର ସକ୍ରିୟତା ଦେଖିବାକୁ ମିଳିଛି। ଛତିଶଗଡ଼ରେ ମାଓବାଦୀମାନଙ୍କ ଉପରେ ଘନ ଘନ ଅପରେସନ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିବା ଜଣାପଡ଼ିଛି। ତେବେ ଛତିଶଗଡ଼ ଅଞ୍ଚଳରେ କିଛି ବି ଘଟିଲେ ମାଓବାଦୀମାନେ ନୂଆପଡ଼ା, ବରଗଡ଼ ଓ ବଲାଙ୍ଗିର ଜିଲ୍ଲା ସୀମାକୁ ପ୍ରବେଶ କରିଥାନ୍ତି। ଯେହେତୁ ଗନ୍ଧାମାର୍ଦ୍ଦନ ଉପରେ ସ୍ଥାନୀୟ ଜିଲ୍ଲା ପୁଲିସର ସେହିଭଳି ନଜର ନଥାଏ ଓ ଏହା ବଡ଼ ଘଞ୍ଚଜଙ୍ଗଲ ହୋଇଥିବାରୁ ଲୁଚି ରହିବାରେ ସଫଳ ହୋଇଥାନ୍ତି। ତେବେ ଗତ କିଛିଦିନ ହେଲା ପୁଲିସ ମାଓବାଦୀମାନଙ୍କୁ ଛତିଶଗଡ଼ରେ ଗୋଡ଼ାଇ ଗୋଡ଼ାଇ ଏନକାଉଣ୍ଟର କରୁଥିବାରୁ ଛତ୍ରଭଙ୍ଗ ଦେଇଥିବା ମାଓବାଦୀ ବଲାଙ୍ଗିର ପ୍ରବେଶ କରିବାର ଖବର ବଲାଙ୍ଗିର ପୁଲିସ ପାଖରେ ରହିଥିବା ଜଣାପଡ଼ିଛି। ଯାହାଫଳରେ ପୁଲିସ ନିୟମିତ ଭାବେ ଗନ୍ଧମାର୍ଦ୍ଦନ ଅଞ୍ଚଳରେ କମ୍ବିଂ ଜାରି ରଖିଛି। ଦୁଇଦିନ ପୂର୍ବରୁ ପୁଲିସ-ମାଓବାଦୀ ଗୁଳି ବିନିମୟ ହୋଇଥିବା ଜଣାପଡ଼ିଥିଲା। ଏହା ପୂର୍ବରୁ କିଛି ମାସ ତଳେ ଗୁଳି ବିନିମୟ ହୋଇଥିବା ସୂଚନା ମିଳିଥିଲା। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜ୍ୟରେ ପୁଲିସ ମାଓବାଦୀଙ୍କ ଉପସ୍ଥିତି ନ ଥିବା କହୁଥିବାବେଳେ ନିୟମିତ ଭାବେ ଗନ୍ଧମାର୍ଦ୍ଦନରେ ମାଓବାଦୀମାନଙ୍କ ଉପସ୍ଥିତି ଦେଖିବାକୁ ମିଳିଛି। ଏପରିକି କିଛି ଦିନ ତଳେ ତୁରେକେଲା ଥାନା ଛତରଦାଣ୍ଡି ଜଙ୍ଗଲ ଭିତରେ ପୁଲିସ ଏକ ମାଓକ୍ୟାମ୍ପ ଠାବ କରିଥିଲା। ଯେଉଁଠାରେ ବହୁ ସାମଗ୍ରୀ ଜବତ ହୋଇଥିଲା। ନିଜେ ପୁଲିସ ଏସ୍‌ପି ମଧ୍ୟ ଜିଲ୍ଲାରେ ମାଓବାଦୀଙ୍କ ଉପସ୍ଥିତି ରହିଥିବା ସ୍ୱୀକାର କରିଥିଲେ। ଅନ୍ୟପଟେ ମାଓବାଦୀଙ୍କ ଉତ୍ପାତ କମିଥିବା କହିଥିବାବେଳେ ଏବେ ପୁଣି ଛତିଶଗଡ଼ରେ ମାଓବାଦୀମାନଙ୍କ ଉପରେ ଉଭୟ କେନ୍ଦ୍ର ଓ ଛତିଶଗଡ଼ ସରକାର ଶୂନ୍ୟ ସହନଶୀଳତା ନୀତି ଆପଣାଇବା ପରେ ଏବେ ଗନ୍ଧମାର୍ଦ୍ଦନରେ ମାଓବାଦୀଙ୍କ ସକ୍ରୀୟତା ବୃଦ୍ଧି ପାଇବାର ସମ୍ଭାବନା ରହିଛି। କିନ୍ତୁ ବଲାଙ୍ଗିର, ବରଗଡ଼ ଓ ନୂଆପଡ଼ା ପୁଲିସ ପକ୍ଷରୁ ସେହି ଧରଣର ଅପରେସନ ଅଭାବ, ଗୁଇନ୍ଦା ସୂଚନାର ଅଭାବ ରହୁଥିବାରୁ ଛତିଶଗଡ଼ରେ ଛତ୍ରଭଙ୍ଗ ଦେଉଥିବା ମାଓବାଦୀମାନେ ଜିଲ୍ଲା ସୀମାକୁ ପ୍ରବେଶ କରୁଥିବା ଅଭିଯୋଗ ହୋଇଛି। ତେବେ ବଲାଙ୍ଗିରରେ ନୂତନ ଏସ୍‌ପି ଯୋଗଦାନ କରିବା ପରେ ଗନ୍ଧମାର୍ଦ୍ଦନ ଅଞ୍ଚଳରେ ଯଦିଓ ନିୟମିତ କମ୍ବିଂ ଓ ସର୍ଚ୍ଚଅପରେସନ କରାଯାଉଛି ତଥାପି ସେହିଭଳି କିଛି ବଡ଼ ଧରଣର ସଫଳତା ପୁଲିସକୁ ମିଳିନାହିଁ। ଏ ଦିଗରେ ଜିଲ୍ଲା ପୁଲିସ ଅଧିକ ତତ୍ପରତା ପ୍ରକାଶ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

**ଛତିଶଗଡ଼ରେ ମାଓବାଦୀଙ୍କ ଛତ୍ରଭଙ୍ଗ ପରେ ଗର୍ନ୍ଧମାର୍ଦ୍ଦନ ଉପରେ ନଜର**

# ମା' ପାଟଣେଶ୍ୱରୀ ମନ୍ଦିରରେ ଚୈତ୍ର ପରବ

**ବଲାଙ୍ଗିର, ୩୧।୩ (ସମିସ):** ବଲାଙ୍ଗିର ପାଟଣାର ଇଷ୍ଟଦେବୀ ମା' ପାଟଣେଶ୍ୱରୀ ଦେବୀଙ୍କ ପୀଠରେ ଚୈତ୍ର ପରବ ଆରମ୍ଭ ହୋଇଯାଇଛି। ଗତ ୩୦ ତାରିଖରୁ ଆରମ୍ଭ ହୋଇ ପ୍ରଥମ ଶୈଳପୁତ୍ରୀ ବେଶରେ ମା' ଦର୍ଶନ ଦେଇଥିବାବେଳେ ଆଜି ବ୍ରହ୍ମଚାରିଣୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ମନ୍ଦିରକମିଟି କଳସ ଯାତ୍ରା ସହ ପରିକ୍ରମା କରି ଦୁର୍ଗାମନ୍ଦିର ଘାଟରୁ କଳସ ପୂଜାକରି ପାଟଣା ହୋଟେଲ ଛକ ଦେଇ ସମଲେଇ ମନ୍ଦିର ଛକ ଦେଇ ମନ୍ଦିରକୁ ଆସି କଳସ ସ୍ଥାପନ ହୋଇଥିଲା। ପଣ୍ଡିତ ଫକୀର ଶତପଥୀ ସଂକଳ୍ପ କରି ଚଣ୍ଡୀପାଠ ପୂଜା କରାହୋଇଥିଲା। ମୁଖ୍ୟପୂଜକ ମଳୟ ଦିଶ୍ରୀ ପୂଜା ସମ୍ପାଦନ କରିଥିଲେ। ଅଭିନାଶ ଦିଶ୍ରୀ ପୂଜାରେ ସହଯୋଗ କରିଥିଲେ।

# ଅନ୍ତ୍ୟୋଦୟ ଯୋଜନାରେ ଗୃହ ବଣ୍ଟନ

**ସଇଁତଳା, ୩୧।୩ (ସମିସ):** ସଇଁତଳା ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଛି। କାର୍ଯ୍ୟାଳୟ ପରିସରରେ ବିଡିଓ ପୁରୁଷୋତ୍ତମ ମିର୍ଧାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସଭାରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ୍ ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୋଦ ଭୋଇ, ହିମାଞ୍ଚଳ ବୁଢ଼େକ ସମ୍ମାନିତ ଅତିଥିଭାବରେ ଯୋଗଦେଇ ଥିଲେ। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଆଭାସି ମାଧ୍ୟମରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଏହାପରେ ଅତିଥିମାନେ ଅନ୍ତ୍ୟୋଦୟ ଯୋଜନାରେ ଗୃହ ପାଇଥିବା ହିତାଧିକାରୀଙ୍କୁ ଗୃହ ବଣ୍ଟନ କରିଥିଲେ। ସଭାରେ ସଇଁତଳା ବ୍ଲକ ଅଞ୍ଚଳର ଅନେକ ହିତାଧିକାରୀଙ୍କ ସହ ବିଭିନ୍ନ ସଙ୍ଘ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଯୋଗଦେଇ ଥିଲେ। ମୁଖ୍ୟମନ୍ତ୍ରୀ ଆଭାସୀ ଯୋଜନାରେ ନିଜ ଅଭିଭାଷଣ ରଖିବା ପୂର୍ବରୁ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରାଯାଇଥଲା କିନ୍ତୁ ଏହି ସମୟରେ ସଭାରେ ଉପସ୍ଥିତ ଅତିଥି କିମ୍ବା କୌଣସି ହିତାଧିକାରୀ ଛିଡ଼ା ହୋଇ ନ ଥିଲେ। ସେହିପରି ସାମ୍ବାଦିକମାନଙ୍କୁ ଅଣଦେଖା କରାଯାଇ ସେମାନଙ୍କୁ ବସିବା ପାଇଁ ମଧ୍ୟ ସ୍ଥାନ ପ୍ରଦାନ କରାଯାଇ ନ ଥିଲା। ଯାହାଦ୍ୱାରା ସାମ୍ବାଦିକ ମହଲରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି।

# ଏବିଇଓ ଅଜିତ ମିଶ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଦେଓଗାଁ, ୩୧।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଓଗାଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ପୂର୍ବାହ୍ନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅଜିତ କୁମାର ମିଶ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନାସଭା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ମମତା ମହାଡିକ ସଭାପତିତ୍ୱ କରିଥିବାବେଳେ ଜ୍ୟୋତି ପ୍ରକାଶ ଷଡ଼ଙ୍ଗୀ ସଂଯୋଜନା କରିଥିଲେ। ଏବିଇଓ କବିରାଜ ମାଝୀ, ଦାଶରଥୀ ଥନାପତିଙ୍କ ସମେତ ୧୫ଜଣ ସିଆରସିସି ଯୋଗଦେଇ ଥିଲେ। କୁମ୍ଭାରମୁଣ୍ଡା ହାଇସ୍କୁଲ, ଝିଲିମୁଣ୍ଡା ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ କନ୍ଧାଗାଡ ବିଦ୍ୟାଳୟର ପୂର୍ବତନଛାତ୍ର ମାନେ ଯୋଗଦେଇ ଥିଲେ। ସିଆରସିସି ତପନ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।



# ଅନ୍ତର୍ଜାତୀୟ ତୃତୀୟ ଲିଙ୍ଗ ଦୃଶ୍ୟମାନତା ଦିବସ ପାଳିତ

**ବଲାଙ୍ଗିର, ୩୧।୩ (ସମିସ):** ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ତୃତୀୟ ଲିଙ୍ଗ ଦୃଶ୍ୟମାନତା ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ତୃତୀୟ ଲିଙ୍ଗ ସଂଯୋଜକ ଧନେଶ୍ୱର ତାଣ୍ଡି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ ଉପସ୍ଥିତ ଥିଲେ। ତୃତୀୟ ଲିଙ୍ଗମାନଙ୍କୁ କିଭଳି ଭାବରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବ, ଦୃଶ୍ୟମାନତା ଏବଂ ସଚେତନତା ନିମନ୍ତେ ସେମାନଙ୍କୁ କିଭଳି ସ୍ୱାବଲମ୍ବୀ କରାଯିବ, ସେମାନଙ୍କ ପାଇଁ ଉପଲବ୍ଧ ଥିବା ସରକାରୀ ଯୋଜନା ସମ୍ପର୍କରେ ଜଣାଇବାକୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ମୁଖ୍ୟ ଅତିଥି କହିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ସରକାରୀସ୍ତରରେ ସୁବିଧା ଏବଂ ସେବା ବାବଦରେ ଆଲୋଚନା କରିଥିଲେ। ତୃତୀୟଲିଙ୍ଗୀମାନେ ନିଜର ସଫଳତାର କାହାଣୀରେ ସମସ୍ତଙ୍କୁ ଶୁଣେଇଥିଲେ।

# ଚୈତ୍ରପର୍ବ ପାଇଁ ମା' ସମଲେଶ୍ୱରୀଙ୍କ ଛତର ଯାତ୍ରା

**ତୁଷୁରା, ୩୧।୩(ସମିସ):** ତୁଷୁରାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଚୈତ୍ରଯାତ୍ରା ପାଇଁ ମା'ଙ୍କ ଛତର ଯାତ୍ରା ହୋଇଯାଇଛି। ମନ୍ଦିର ପୂଜକ ତଥା ଝାଙ୍କର ଗୋପାଳ ଭୋଇଙ୍କ ଘରେ ପ୍ରଥମେ ଛତର ପୂଜା କରାଯାଇଥିଲା। ସନ୍ଧ୍ୟାରେ ମା'ଙ୍କ ଛତରକୁ ସହର ପରିକ୍ରମା କରାଯାଇଥିଲା। ମା'ଛତର ସହ ବରୁଆ, ଦେହୁରୀ ପୂଝାରୀ, ବାହାଧରୁ ତଥା ସହଯୋଗୀ, ମନ୍ଦିର କମିଟି, ପୂଜାକମିଟି କର୍ମକର୍ତ୍ତା ସାମିଲ ଥିଲେ। ମଙ୍ଗଳବାର ମା'ଙ୍କ ମନ୍ଦିରରେ ଚୈତ୍ରଯାତ୍ରା ହେବା ସହ ବରୁଆ ଦେହରେ ଆବିର୍ଭାବ ହୋଇ ଲୋକଙ୍କ ଗୁହାରି ଶୁଣିବେ।



# ଜଳିଗଲା ଦୋକାନ; ଜଣେ ଆହତ

**ସିନ୍ଧେକେଲା, ୩୧।୩(ସମିସ):** ବଙ୍ଗୋମୁଣ୍ଡା ଥାନା ଖଇରା ଗାଁରେ ଦୋକାନରେ ରୋଷେଇ କରୁଥିବା ସମୟରେ ଗ୍ୟାସ୍ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ ଘଟିବାରୁ ଦୋକାନ ଜଳିଯାଇଛି। ଦୋକାନର ସାମଗ୍ରୀ ଜଳି ପାଉଁଶ ହୋଇଯାଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଖଇରା ଗ୍ରାମର ଦୀପକ ରଣାଙ୍କ ସ୍ତ୍ରୀ ଭୂମିରଣା ଦୋକାନରେ ରୋଷେଇ କରୁଥିଲେ। ଏହି ସମୟରେ କୌଣସି କାରଣରୁ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିଯିବାରୁ ଦୋକାନ ଜଳିଯାଇଥିଲା। ଦୋକାନରେ ଥିବା ଫ୍ରିଜ ଏବଂ ଅନ୍ୟ ସାମଗ୍ରୀ ନଷ୍ଟ ହେବା ସହ ଜଣେ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ବଙ୍ଗୋମୁଣ୍ଡା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# ସମାଜସେବୀଙ୍କ ପରଲୋକ

**ଟିଟିଲାଗଡ଼, ୩୧।୩(ସମିସ):** ସ୍ଥାନୀୟ ଅଞ୍ଚଳର ଜଣେ ବରିଷ୍ଠ ସମାଜସେବୀ, ଉତ୍ସର୍ଗୀକୃତ ସୁସଂଗଠକ ତଥା ଟିଟିଲାଗଡ଼ ଲକ୍ଷେଘର ଗଣ୍ଡା ସମାଜ ସଭାପତି ଘନଶ୍ୟାମ ତାଣ୍ଡି (୬୦) ଙ୍କ ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିଟକରେ ପତ୍ନୀ ଚନ୍ଦ୍ରକଳା, ଝିଅ ବନ୍ଦନା, ପୂର୍ଣ୍ଣ, ଭାଉଜ କପିଳା ତଥା ପରିଜନ ଉପସ୍ଥିତ ଥିଲେ। ପୁଅ ଗୌତମ ମୁଖାଗ୍ନି ଦେଇଥିଲେ। ତାଙ୍କର ବିୟୋଗ ଲକ୍ଷେଘର ଗଣ୍ଡା ସମାଜ ସଦସ୍ୟ ତଥା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# କଣ୍ଟାବାଞ୍ଜିରେ ତିଆରି ହେଉଛି ନକଲି ବିଦେଶୀ ମଦ

**କଣ୍ଟାବାଞ୍ଜି, ୩୧।୩(ସମିସ):** ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜି ସହର ନକଲି କାରବାରକୁ ନେଇ ଅନେକ ସମୟରେ ଚର୍ଚ୍ଚାର ପରିସରକୁ ଆସିଛି। କେତେ ବେଳେ ନକଲି ଔଷଧ ତ କେତେବେଳେ ନକଲି ସାମ୍ପୁ। ଏହି ଭଳି ଅନେକ ଘଟଣା ଲୋକଲୋଚନକୁ ଆସିଥିବାବେଳେ ଏବେ କଣ୍ଟାବାଞ୍ଜି ରେ ନକଲି ବିଦେଶୀ ମଦ ତିଆରି ହେଉଥିବା ନେଇ ଚର୍ଚ୍ଚା ଜୋର ଧରିଛି। ବିଶେଷ ସୂତ୍ରରୁ ପ୍ରକାଶ ଯେ କଣ୍ଟାବାଞ୍ଜି ସହରରୁ ଗୁଡିଘାଟ ଯିବା ରାସ୍ତା ମଝିରେ ଏକ ଭଡ଼ାଘରେ ବିଭିନ୍ନ କେମିକାଲ ମିଶ୍ରିତ କରି କିଛି ବ୍ୟକ୍ତି ନକଲି ବିଦେଶୀ ମଦ ତିଆରି କରି ନାମିଦାମୀ ବ୍ରାଣ୍ଡର ବୋତଲରେ ଭରି ବିକ୍ରି କରୁଥିବା ଅଭିଯୋଗ ହୋଇଛି। ନକଲି ମଦ କାରବାର ପଛରେ ଜଣେ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ମାଲିକଙ୍କ ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ହେଉଛି। ଏହି ଭଳି ନ କଲି କେମିକାଲ ମିଶ୍ରିତ ମଦ ପିଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ଅଭିଯୋଗ ହେଉଛି। ଏନେଇ କଣ୍ଟାବାଞ୍ଜି ଅବାକାରୀ ବିଭାଗର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଜୟନ୍ତୀ ପାଳିତ



**ବଲାଙ୍ଗିର, ୩୧।୩(ସମିସ):** ବଲାଙ୍ଗିରର ରାଜେନ୍ଦ୍ର ପାର୍କଠାରେ ଆୟୋଜିତ ପୂର୍ବତନ ମୁଖ୍ୟମନ୍ତ୍ରୀ ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ୧୧୩ ତମ ଜୟନ୍ତୀ ପାଳିତ ହୋଇଯାଇଛି। ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ମୃତିକମିଟି ତରଫରୁ ଆୟୋଜିତ ଏହି ଜୟନ୍ତୀ ସମାରୋହରେ ଅତିଥିଭାବରେ ଯୋଗ ଦେଇଥିଲେ ମହାରାଜାଙ୍କ ପୁତ୍ର ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ସାଂସଦ ଅନଙ୍ଗ ଉଦୟ ସିଂହଦେଓ, ପୌରପରିଷଦ ଅଧ୍ୟକ୍ଷା ଲିକାସାହୁ, ମହାରାଜାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ଅବସରରେ ଉପାଧ୍ୟକ୍ଷ ଗାଇତ୍ରି ଭୋଇ, ପୂର୍ବତନ ଅଧ୍ୟକ୍ଷା ଦମୟନ୍ତୀ ବାଗ, ଓଁକାର ନାୟକ, ନରସିଂହ ବାଗ, ଧ୍ରୁବ ଯୁଏଡ, କୈଳାସ ଚନ୍ଦ୍ର ମହାନ୍ତି, ଲକ୍ଷ୍ମଣ ମେହେର, ଭଗବାନ ବର୍ଗତ୍ତା, ଅସୀମ ପଟ୍ଟନାୟକ, ପ୍ରଭାସ ପାଣିଗ୍ରାହୀ, ରାଜେନ୍ଦ୍ର ହୋତା, ମହେନ୍ଦ୍ର ବାଗ, ସମ୍ଭୁ ନାଗ, ଶତ୍ରୁଘ୍ନ ବାଗ, କିଶୋର କୁମ୍ଭାର, ଗଙ୍ଗା ଚାନ୍ଦ, ସଚିନ ନନ୍ଦ, ଲଲାଟେନ୍ଦୁ ପଟ୍ଟନାୟକ, ବିଦ୍ୟୁଭୂଷଣ ତ୍ରିପାଠୀ, ଜିତେନ୍ଦ୍ର ମିଶ୍ର, ସୁମନ ନନ୍ଦ, ଜୟରାମ ମିଶ୍ର, ଶାନ୍ତନୁ ଭୋଇ, ନିହାର ରଞ୍ଜନ ସ୍ୱାଇଁ, ସାଗର ସଙ୍ଗମ ଶତପଥୀ, ରମେଶ ବେହେରା, ପିଙ୍କୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ବାରିକ ସମାଜର ଚତୁର୍ଥ ସମ୍ମିଳନୀ

**ବଲାଙ୍ଗିର, ୩୧।୩ (ସମିସ):** ବଲାଙ୍ଗିରସ୍ଥିତ ଲକି ମ୍ୟାରେଜ ମଣ୍ଡପଠାରେ ଜିଲ୍ଲା ବାରିକ ସମାଜର ଚତୁର୍ଥ ମହାସଭା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି କଙ୍ଗାଲୁ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକାସାହୁ ଯୋଗ ଦେଇଥିଲେ। ଏହି ମହା ସମ୍ମିଳନୀରେ ସମ୍ମାନିତ ଅତିଥି ଭାବରେ ନିଖିଳ ଉତ୍କଳ ବାରିକ ସମିତିର ରାଜ୍ୟ ସଭାପତି ହେମନ୍ତ କୁମାର ବାରିକ, ରାଜ୍ୟ ସାଧାରଣ ସମ୍ପାଦକ କମ୍ପୁପାଣି ପରିଛା, ରାଜ୍ୟ ଉପସଭାପତି କୁଳମଣି ବାରିକ, ରାଜ୍ୟ ଉପ ସଭାପତି ହୀରାଲାଲ ବେହେରା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶଙ୍କର ବାରିକ, ସେଲୁନ ସଂଘ ସଭାପତି ଶିଶିର କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଦଶରଥ ପସାୟତ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଜିଲ୍ଲା ଓ ରାଜ୍ୟର ଦାବି ଉପସ୍ଥାପନ କରିଥିଲେ। ଦିଲୀପ କୁମାର ପଶାୟତ ପରିଚାଳନା କରିଥିଲେ। ଏହି ଅବସରରେ ପରାୟଣ ଗାୟିକା ବିଜ୍ଞସୀ ବାରିକ, ଅବସରପ୍ରାପ୍ତ ଶିକ୍ଷକ ତଥା ଗୀତିକାର ଅଶୋକ କୁମାର ପଶାୟତ, ସମାଜସେବୀ ଡା. ଲଳିତ ମୋହନ ବାରିକ ଏବଂ ଜିଲ୍ଲାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଲାଙ୍ଗିର ଜିଲ୍ଲାର ୧୪ଟି ବ୍ଲକର ସଭାପତି, ସମ୍ପାଦକଙ୍କୁ ମଧ୍ୟ ସମ୍ମାନିତ କରାଯାଇ ଥିଲା। ସ୍ୱଜାତିର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଶିବପ୍ରସାଦ ବାରିକ ପରିଚାଳନା କରିଥିଲେ। ଜିଲ୍ଲା ଉପ ସଭାପତି ନବୀନ କୁମାର ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ।

# ହରେକୃଷ୍ଣ ମହତାବ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଲାଗି ପ୍ରସ୍ତୁତି

**ଲୋଇସିଂହା, ୩୧।୩(ସମିସ):** ବଲାଙ୍ଗିର ଜିଲ୍ଲାର ପୁରାତନ ଶିକ୍ଷାନୁଷ୍ଠାନ ହରେକୃଷ୍ଣ ମହତାବ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ପାଇଁ ପୁରାତନ ଛାତ୍ରମାନଙ୍କୁ ନେଇ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ଅଶୋକ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ନଭେମ୍ବରରେ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ପାଇଁ ଆଲୋଚନା କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଏହି ଜୟନ୍ତୀ ପାଳନ ପାଇଁ ଆୟୋଜକ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ଆଇନଜୀବୀ ଦିଲୀପ କୁମାର ବେହେରା, ଉପସଭାପତିଭାବେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ସତ୍ୟନାରାୟଣ ଭୋଇ, ସମ୍ପାଦକ ଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ଶେଖ୍ ନଜରୁଲ୍ଲା ଖାନ, ସହସମ୍ପାଦକ ସୋମନାଥ ବିଶ୍ୱାଳ ଓ କୋଷାଧ୍ୟକ୍ଷ ରାଜ ନାରାୟଣ ଅଗ୍ରୱାଲଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଅର୍ଥ କମିଟିରେ ସୋମନାଥ ବିଶ୍ୱାଳ, ପ୍ରଦୀପ କୁମାର ସାହୁ, ଅଭିଲାଷ ହୋତା ଓ ରାଜେନ୍ଦ୍ର ଷଡ଼ଙ୍ଗୀଙ୍କୁ ମନୋନୀତ କରାଯାଇଥିବା ବେଳେ ପ୍ରଚାରପ୍ରସାର କମିଟି ଅଧ୍ୟକ୍ଷ ଭାବେ ଅଭିଲାଷ ହୋତା, ସ୍ମରଣିକା କମିଟି ଅଧ୍ୟକ୍ଷ ଭାବେ ଜ୍ୟୋତିପ୍ରକାଶ ସାହୁ ଓ ସାଂସ୍କୃତିକ କମିଟି ଅଧ୍ୟକ୍ଷ ଭାବେ ସରୋଜ କୁମାର ବିଶ୍ୱାଳଙ୍କୁ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା କମିଟିରେ ଗଜାନନ ଅଗ୍ରୱାଲ, ପର୍ଶୁରାମ ସାହୁ, ବିଶ୍ୱନାଥ ଭୂୟାଁ ଓ ଗୁରୁଚରଣ ଧୀରଙ୍କୁ ମନୋନୀତ କରାଯାଇଥିବାବେଳେ କାର୍ଯ୍ୟକାରୀ କମିଟିରେ ହିମାଂଶୁ ସାହୁ, ପ୍ରକାଶ ମହାରଣା, ପ୍ରଦୀପ କୁମାର ସାହୁ, ଶିବ ଅଗ୍ରୱାଲ, ଅଶୋକ କୁମାର ସାହୁ, ସରୋଜ ବିଶ୍ୱାଳ, ରାମଚନ୍ଦ୍ର ସାହୁଙ୍କୁ ମନୋନୀତ କରାଯାଇଥିଲା।

# ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର କର୍ମକର୍ତ୍ତା ଚୟନ



**ସଇଁତଳା, ୩୧।୩(ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜ ପକ୍ଷରୁ ସ୍ଥାନୀୟ ଲାନ୍ତ ନଦୀଠାରେ ସାମାଜିକ ବୈଠକ ଅନୁଷ୍ଠିତ ହେଇଯାଇଛି। ପୂର୍ବତନ ସଭାପତି ପାଣ୍ଡବ ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକ ସାହୁ ସମାଜର ନୂତନ କର୍ମକର୍ତ୍ତା ଗଠନ ହୋଇଯାଇଛି। ସଭାପତି ଭାବେ ବରିଷ୍ଠ ଆଇନଜୀବୀ ରାଧେଶ୍ୟାମ ସାହୁଙ୍କୁ ମନୋନୀତ କରାଯାଇ ଥିବାବେଳେ କାର୍ଯ୍ୟକାରୀ ସଭାପତି ଭାବେ ସାମ୍ବାଦିକ ନାରାୟଣ ସାହୁ, ସମ୍ପାଦକ ଭାବେ ଟିପେଶ୍ୱର ସାହୁ ଉପସଭାପତି ଭାବେ ପର୍ଶୁରାମ ସାହୁ, କୋଷାଧ୍ୟକ୍ଷ ଜଗଦୀଶ ସାହୁ, ସହ ସମ୍ପାଦକ ଅର୍ଜୁନ ସାହୁ, ଯୁଗ୍ମ ସମ୍ପାଦକ ସନ୍ତୋଷ ସାହୁ, ବନମାଳି ସାହୁ, ଦୈତାରୀ ସାହୁ, ଛବିଲାଲ ସାହୁ, ଜୟନ୍ତୀ ସାହୁ ସୁଶାଳୀ ସାହୁ ଦୟାନିଧି ସାହୁ ପ୍ରମୁଖ ନୂତନ କର୍ମକର୍ତ୍ତା ହେଇଥିଲେ। ପୂର୍ବତନ ସଭାପତି ପାଣ୍ଡବ ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇ ଥିଲା। ନୂତନ କର୍ମକର୍ତ୍ତାଙ୍କୁ ସ୍ୱଗତ କରାଯାଇଥିଲା। ବ୍ଲକର ୩୨ଟି ଗ୍ରାମର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଭୀଷ୍ମ ସାହୁ, ହରିବନ୍ଧୁ ସାହୁ, ଭୁକର ସାହୁ, ବିଶ୍ୱନାଥ ସାହୁ, ଆଶିଷ ସାହୁ, ତ୍ରିଲୋଚନ ସାହୁ, ଅଲେଖ ସାହୁ, ଉମେଶ ସାହୁ, ଚୟତନ୍ୟ ସାହୁ, ସମାରୁ ସାହୁ, ରବି ସାହୁ, ଚୂଡ଼ାମଣି ସାହୁ ପ୍ରମୁଖ ସହଯୋଗ କାରିଥିଲେ।

# ରାଷ୍ଟ୍ରୀୟ ନବବର୍ଷରେ ବିଶାଳ ଶୋଭାଯାତ୍ରା

**ଟିଟିଲାଗଡ଼, ୩୧।୩(ସମିସ)**

ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିରଠାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହିନ୍ଦୁ ନବବର୍ଷ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ତେରାପନ୍ଥ ମହିଳା ମଣ୍ଡଳର ଅଧ୍ୟକ୍ଷା ବବି ଜୈନ ଅଂଶଗ୍ରହଣ କରି ହିନ୍ଦୁ ନବବର୍ଷର ଐତିହାସିକ ଓ ପବିତ୍ରତା ବିଷୟରେ କହିଥିଲେ। ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଜ୍ୟୋତି ପ୍ରକାଶ ଗଡ଼ତ୍ୟା ଶିଶୁମାନଙ୍କୁ ହିନ୍ଦୁ ନବବର୍ଷର ଉତ୍ସବ ନେଇ ବିସ୍ତୃତ ବିବରଣୀ ଦେଇଥିଲେ। ଶୋଭାଯାତ୍ରାରେ ଟିଟିଲାଗଡ଼ ପୌର ପରିଷଦର ଅଧ୍ୟକ୍ଷା ମମତାଦେବୀ ଜୈନ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ବରିଷ୍ଠ ଆଚାର୍ଯ୍ୟ ମଦନ ମୋହନ ପୁଟେଲ ଓ ମୋତି ପୁଟେଲ ଉଦ୍‌ଘୋଷକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ବିଦ୍ୟାଳୟର ସହ ପ୍ରଧାନାଚାର୍ଯ୍ୟ ନୃପରାଜ ସେଠ, କୋଷାଧ୍ୟକ୍ଷ ଶେଷଦେବ ମେହେର, ସମ୍ପାଦକ ଡମ୍ବରୁଧର କର୍ମୀ, ସଦସ୍ୟା ଝୁମିରାଣୀ ମିଶ୍ର, ସଦସ୍ୟା ଅହଲ୍ୟା ନାଗ, ବରିଷ୍ଠ ଆଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁ ଯୋଗଦାନ କରିଥିଲେ।



## ମହୁଲ ପୋଚ ସହ ଦେଶୀ ମଦ ଜବତ

**ଶଗଡ଼ା, ୩୧।୩(ସମିସ):** କଣ୍ଟାମାଳ ଥାନା କୁମେଲ ବନ୍ଧ ଗ୍ରାମ ଜଙ୍ଗଲ ନିକଟରେ ବୌଦ୍ଧ ଅବକାରୀ ମୋବାଇଲ ଟିମ୍ ଚଢଉ କରି ମହୁଲ ପୋଚ ଓ ଦେଶୀ ମଦ ଜବତ କରିଛି। ଘଟଣାରେ ସମ୍ପୃକ୍ତ ମାଫିଆ କିନ୍ତୁ ଫେରାର ମାରିଛି। ସେଠାରେ ମଦ ପ୍ରସ୍ତୁତ ଚାଲିଥିବା ଖବର ପାଇ ଚଢ଼ଉ କରାଯାଇଥିଲା। ଘଟଣା ସ୍ଥଳରୁ ୪୫୦ ଲିଟର ମହୁଲ ପୋଚ ଓ ୨୦ ଲିଟର ଦେଶୀ ମଦ ନଷ୍ଟ ହୋଇଛି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିବା ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାଡ୍ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

## ରଙ୍ଗ ପଣ୍ଡାଙ୍କ ପରଲୋକ



**ବୀରମହାରାଜପୁର, ୩୧।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଜଳ ସେଚନ ବିଭାଗ କଲୋନୀରେ ରହୁଥିବା ରଙ୍ଗ ପଣ୍ଡା(୭୫)ଙ୍କ ପରଲୋକ ଘଟିଛି। ତାଙ୍କର ଅନ୍ତିମ ସଂସ୍କାର ହରିହର ଯୋର ସ୍ୱର୍ଗଦ୍ୱାରରେ ଅନୁଷ୍ଠିତ ହୋଇଥିଲା। ଶବ ଶୋଭାଯାତ୍ରାରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ହିଲୁଙ୍ଗ ସମିତି ସଭ୍ୟ ଶୈଳେନ୍ଦ୍ର ବାଦୀ, ମୀନକେତନ ମହାକୁର, ଦାମୋଦର ହୋତା, ସୁରୁ ମହାକୁର, ନୀରୋଦ ପାଣ୍ଡେ ସାମିଲ ହୋଇଥିଲେ। ସ୍ୱର୍ଗତ ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର ଦୁର୍ଗେଶ ପଣ୍ଡା ମୁଖାଗ୍ନି ଦେଇଥିଲେ।

## ବିପ୍ଳବୀ ପରୀକ୍ଷିତ ପୁରୋହିତଙ୍କ ପରଲୋକ

**ବୀରମହାରାଜପୁର, ୩୧।୩(ସମିସ):** ସୋନପୁର ଗଡ଼ଜାତ ପ୍ରଜା ଆନ୍ଦୋଳନର ଅନ୍ୟତମ ବିପ୍ଳବୀ, ସ୍ପଷ୍ଟବାଦୀ ନିର୍ଭୀକ ସ୍ୱାଧୀନତା ସଂଗ୍ରାମୀ ତଥା କୋଟସମଲାଏ ଗ୍ରାମର ପରୀକ୍ଷିତ ପୁରୋହିତ(୯୩)ଙ୍କ ପରଲୋକ ଘଟିଛି। ସେ ଜଣେ ସମାଜସେବୀ, ସଫଳ ବଢ଼େଇ, ରାଜ ମିସ୍ତ୍ରୀ, ଅଭିନେତା, ନାଟ୍ୟ ନିର୍ଦ୍ଦେଶକ ଓ ମଞ୍ଚ ପରିଚାଳକ ତଥା ନାଟ୍ୟଗୁରୁ ଥିଲେ। ସେ ଶତାଧିକ ନାଟକରେ ଅଭିନୟ କରିବାସହ ନିର୍ଦ୍ଦେଶନା କରି ନିଜର ଶ୍ରେଷ୍ଠତା ପ୍ରତିପାଦନ କରିଥିଲେ। ସେ ସୁବର୍ଣ୍ଣପୁରର ବହୁ ଚର୍ଚ୍ଚିତ ନାଟ୍ୟଦଳ ଶ୍ରୀଜଗନ୍ନାଥ ନାଟ୍ୟ କଳା ପରିଷଦ ଗଠନ କରିଥିଲେ। ତାଙ୍କର ପ୍ରତିଭାପାଇଁ ତାଙ୍କୁ ମହାନଦୀ ସାହିତ୍ୟ ସଂସଦ ପକ୍ଷରୁ ସୁବର୍ଣ୍ଣପୁର ଜିଲ୍ଲାର ସର୍ବୋଚ୍ଚ ନାଟ୍ୟ ସମ୍ମାନ 'ମହାନଦୀ ନାଟ୍ୟ ସମ୍ମାନ-୨୦୨୪' ସମ୍ମାନରେ ସମ୍ମାନିତ ହୋଇଥିଲେ। ତାଙ୍କର ଶେଷକୃତ୍ୟ ଗ୍ରାମସ୍ଥିତ ମେଣ୍ଡିଲିମୁଣ୍ଡା ନିକଟସ୍ଥ ଶ୍ମଶାନରେ ସମାପନ ହୋଇଛି। ଜ୍ୟେଷ୍ଠପୁତ୍ର ରଘୁନାଥ ପୁରୋହିତ ମୁଖାଗ୍ନି ଦେଇଥିଲେ।



## ତରଭା ମସଜିଦରେ ଇଦ୍ ପାଳିତ



**ତରଭା, ୩୧।୩(ସମିସ):** ତରଭା ଅଞ୍ଚଳର ମୁସଲମାନ ଭାଇମାନେ ସ୍ଥାନୀୟ ମସଜିଦରେ ପବିତ୍ର ଇଦ୍ ଉତ୍ସବ ପାଳନ କରିଛନ୍ତି। ସୋମବାର ପୂର୍ବାହ୍ନ ୯ଟା ୩୦ରେ ମୌଲବୀ ସୁଲତାନ ରାଜାଙ୍କ ଦ୍ୱାରା ତକରୀର ପରେ ସାମୂହିକ ନମାଜ ପାଠ କରାଯାଇଥିଲା। ନମାଜ ପାଠ ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଶୁଭକାମନା ଜଣାଇଥିଲେ। ପରେ ରାଷ୍ଟ୍ରର ଶାନ୍ତି ସୌହାର୍ଦ୍ଦ୍ୟ ଓ ଦେଶବାସୀଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରାଯାଇଥିଲା।

## ଜହ୍ନାପଙ୍କ ଶିଶୁ ମନ୍ଦିରରେ ହିନ୍ଦୁ ନବବର୍ଷ ପାଳିତ




**ଜହ୍ନାପଙ୍କ, ୩୧।୩(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତର ଜହ୍ନାପଙ୍କ ସରସ୍ୱତୀ ଶିଶୁ ମନ୍ଦିରରେ ହିନ୍ଦୁ ନବ ବର୍ଷ ପାଳିତ ହୋଇଛି। ଶିଶୁମାନେ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଜହ୍ନାପଙ୍କ ଗ୍ରାମ ପରିକ୍ରମା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶୁକଦେବ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ବାଞ୍ଛାନିଧି ହୋତା, ଯୁଗ୍ମ ସମ୍ପାଦକ ନାରାୟଣ ମହାରଣା ଯୋଗଦେଇ ହିନ୍ଦୁ ନବବର୍ଷ ପାଳନର ମହତ୍ୱ ଉପରେ ମାର୍ଗ ଦର୍ଶନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ମେହେର ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅବ୍ୟବସ୍ଥା



**ଶଗଡ଼ା, ୩୦।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳରେ ଅନୁଷ୍ଠିତ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକ୍ରମରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ପୂର୍ବାହ୍ନ ୧୦ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହା ଚାଲିଥିଲା। ଲୋକେ ଭୋକ ଉପାସରେ ଛଟପଟ ହୋଇଥିଲେ। କାର୍ଯ୍ୟକ୍ରମର ବିଳମ୍ବ ଦେଖି ଲୋକେ କାର୍ଯ୍ୟକ୍ରମ ସ୍ଥଳରୁ ଉଠି ଚାଲି ଯାଇଥିଲେ ସଭା ସ୍ଥଳରେ ପାନୀୟ ଜଳର ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ତେବେ ବିଡିଓ ସାମି ଜୟଶ୍ରୀ ରେ‡ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, ପଦ୍ମାଳୟା ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ୫୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶକୁ ବିଧାୟକ ବଣ୍ଟନ କରିଥିଲେ।

## ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ



**ମନମୁଣ୍ଡା, ୩୧।୩(ସମିସ):**): କଣ୍ଟାମାଳ ବ୍ଲକ ପଦରପଡ଼ା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ୨୬ତମ ବର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିଶିକେଶନ ଖମାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଅରୁଣ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ।

## ୩୨ ବର୍ଷରେ ସୁବର୍ଣ୍ଣପୁର ଜିଲ୍ଲା

# ମେଡିକାଲ୍ କଲେଜ, ଫିସରୀ କଲେଜ ସ୍ୱପ୍ନ

**ସୋନପୁର, ୩୧।୩(ସମିସ):**

ସୁବର୍ଣ୍ଣପୁର ଜିଲ୍ଲା ଏବେ ୩୨ ବର୍ଷର ଯୁବକ। ୧୯୯୩ ଠିକ୍ ଆଜିର ଦିନରେ ସୋନପୁରକୁ ନୂତନ ଜିଲ୍ଲାର ମାନ୍ୟତା ମିଳିଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଐତିହାସିକ ପଦକ୍ଷେପ ନେଇ ୧୩ ଜିଲ୍ଲାରୁ ୩୦ ଜିଲ୍ଲାକୁ ବୃଦ୍ଧି କରିଥିଲେ। ସୋନପୁର ସବ୍‌ଡିଭିଜନ ନୂତନ ଜିଲ୍ଲାର ମାନ୍ୟତା ପାଇଲା। ଜିଲ୍ଲା ଉଦ୍‌ଘାଟନ ସମାରୋହରେ ବିଜୁ ବାବୁ କହିଥିଲେ 'ମୁଁ ସୋନପୁରକୁ ସୁବର୍ଣ୍ଣପୁର କରିଦେଲି, ଏବେ ଏହି ଜିଲ୍ଲାର ବିକାଶ ଆପଣମାନଙ୍କ ହାତରେ'। ଜିଲ୍ଲା ଘୋଷଣା ବେଳେ ସୋନପୁରରେ ୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ସୋନପୁର, ବିନିକା ଏବଂ ବୀରମହାରାଜପୁର ରହିଥିଲା। ଏବେ ସୋନପୁର ଏବଂ ବୀରମହାରାଜପୁର ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ସୁବର୍ଣ୍ଣପୁର ଜିଲ୍ଲା। ତେବେ ବିଭିନ୍ନ କ୍ଷେତ୍ରରେ ଜିଲ୍ଲାକୁ ଅଣଦେଖା କରାଯାଉଥିବାରୁ ଜିଲ୍ଲାବାସୀଙ୍କ ମନରେ କ୍ଷୋଭପ୍ରକାଶ ପାଇଛି। ଚଳିତ ବର୍ଷ ରାଜ୍ୟର ବିଭିନ୍ନ



ସ୍ଥାନରେ ୪ଟି ମେଡିକାଲ କଲେଜ, ୩ଟି ଡେଣ୍ଟାଲ କଲେଜ ଏବଂ ଗୋଟିଏ ଆୟୁର୍ବେଦିକ କଲେଜ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ସୁବର୍ଣ୍ଣପୁରରେ ମେଡିକାଲ କଲେଜ ଖୋଲିବ ବୋଲି ବହୁ ଦିନ ହେଲା ଚର୍ଚ୍ଚା ହେଉଥିଲା। ମେଡିକାଲ କଲେଜକୁ ଦୃଷ୍ଟିରେ ରଖି କୋଟି କୋଟି ଟଙ୍କା ଖର୍ଚ୍ଚ କରି ବହୁତଳ ବିଶିଷ୍ଟ ଅତ୍ୟାଧୁନିକ ଡାକ୍ତରଖାନା ନିର୍ମାଣ ହୋଇଛି। ଏଠାରେ ଭିତ୍ତିଭୂମି ରହିଥିଲେ ମଧ୍ୟ ମେଡିକାଲ କଲେଜ ପ୍ରତିଷ୍ଠା ହୋଇ ପାରିଲା ନାହିଁ। ସେହିଭଳି ମତ୍ସ୍ୟ ମହାବିଦ୍ୟାଳୟ ଏବଂ ସୈନିକ ସ୍କୁଲ୍ ପ୍ରତିଷ୍ଠା ପ୍ରାରମ୍ଭିକ ପ୍ରକ୍ରିୟାରେ ମଧ୍ୟ ସୀମିତ ରହିଗଲା। ମହାନଦୀ ରିଂରୋଡ୍ ଅଧପନ୍ତରିଆ ହୋଇ ପଡ଼ିରହିଛି। ସୁବର୍ଣ୍ଣପୁରର ବହୁ ପ୍ରତିକ୍ଷିତ ପ୍ରକଳ୍ପ ଖଇରମାଳ ପ୍ରକଳ୍ପର ଭାଗ୍ୟ ମଧ୍ୟ ସୂତା ଖିଅରେ ଝୁଲୁଛି। ଅନ୍ୟପକ୍ଷରେ ସମ୍ବଲପୁର-ଗୋପାଳପୁର ରେଳ ଲାଇନ୍ ସୋନପୁର ଦେଇ ନିର୍ମାଣ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ଅଣଦେଖା କରାଯାଉଛି। ଜିଲ୍ଲା ଗଠନର ୩୨ ବର୍ଷ ପରେ ମଧ୍ୟ ଜିଲ୍ଲାରେ କେନ୍ଦୁପତ୍ର ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଖୋଲି ପାରିଲା ନାହିଁ। ସୁବର୍ଣ୍ଣପୁରରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଗୃହମନ୍ତ୍ରୀ ହେଣ୍ଡଲୁମ୍ ପାର୍କ ଏବଂ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ନଅଙ୍କ ଦୁର୍ଭିକ୍ଷ ସମୟରେ ତତ୍କାଳୀନ ସୋନପୁର ଗଡ଼ଜାତ ଅନ୍ୟ ରାଜ୍ୟକୁ ଖାଦ୍ୟ ଯୋଗାଉଥିଲା। ତେବେ ପ୍ରାକୃତିକ ସମ୍ପଦରେ ଭରପୁର ସୁବର୍ଣ୍ଣପୁର ଜିଲ୍ଲାର ଆଖିଦୃଶିଆ ଉନ୍ନତି ହୋଇ ପାରୁନାହିଁ ବୋଲି ଲୋକେ କ୍ଷୋଭପ୍ରକାଶ କରୁଛନ୍ତି।

## ୧୫ ବର୍ଷରୁ କମ ଇଣ୍ଟର କ୍ଲବ୍ ଫୁଟବଲ୍ ପାଇଁ ପ୍ରସ୍ତୁତି




**ସୋନପୁର, ୩୧।୩(ସମିସ):** ଆସନ୍ତା ଏପ୍ରିଲ ୭ ତାରିଖରେ ସୋନପୁର ଗାନ୍ଧୀ ଷ୍ଟାଡିୟମରେ ୧୫ ବର୍ଷରୁ କମ ଚିଫ ମିନିଷ୍ଟର ଇଣ୍ଟର କ୍ଲବ୍ ଜିଲ୍ଲାସ୍ତରୀୟ ଫୁଟବଲ୍ ଚାମ୍ପିଅନସିପ-୨୦୨୫ ଅନୁଷ୍ଠିତ ହେବ। ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଏନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ବିଭିନ୍ନ ବ୍ଲକର ୬ଟି ଦଳ ସମେତ ସୋନପୁର ମୁନିସିପାଲିଟିର ୪ଟି ଦଳ ତଥା ସମୁଦାୟ ୧୦ଟି ଫୁଟବଲ୍ ଦଳ ଏଥିରେ ଭାଗ ନେବେ। ପ୍ରଥମ ପର୍ଯ୍ୟାୟରେ ୪୦ ଜଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ସେଥିରୁ ୨୪ ଜଣ ଖେଳାଳିଙ୍କୁ ରାଜ୍ୟସ୍ତରୀୟ ଫୁଟବଲ୍ ପାଇଁ ମନୋନୀତ କରାଯିବ ବୋଲି ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ପୀୟୂଷ ପଣ୍ଡା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସରକାରଙ୍କ ସ୍ପୋର୍ଟସ ହଷ୍ଟେଲ, ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ଓ ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ଏହି ଅଣ୍ଡର ୧୫ ଫୁଟବଲ୍ ଚାମ୍ପିଅନସିପ ଦ୍ୱାରା କ୍ରୀଡ଼ା ପ୍ରତିଭାର ବିକାଶ ହେବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ଟେକ୍ନିକାଲ କମିଟି ହେଡ୍ ସୁନିଲ ମିତ୍ର ଗାନ୍ଧୀ ଷ୍ଟାଡିୟମ୍ ଓ ଏହାର ଭିତ୍ତିଭୂମି ପରିଦର୍ଶନ କରି ଜିଲ୍ଲା କ୍ରୀଡ଼ା ସଂଘ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଛନ୍ତି। ଜିଲ୍ଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଦସ୍ୟ କଇରୁ ସ୍ୱାଇଁ, ପୁରଷୋତ୍ତମ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ବାଘ, ଦିଲ୍ଲୀପ ଗୁରୁ, ଗୌରୀଶ୍ୟାମ ପଣ୍ଡା, ଭୁକୁଲୁ ବକ୍ସି, ଆଦିତ୍ୟ କିଶୋର ଦାନୀ, ସୁଦର୍ଶନ ପଣ୍ଡା, ଗଙ୍ଗା ତରିଆ, ସୁକାନ୍ତ ସାହୁ ପ୍ରମୁଖ ସମ୍ମିଳନୀରେ ଯୋଗଦେଇଥିଲେ। ବିକାଶ ପଣ୍ଡା ସଭାକୁ ସଂଯୋଜନା କରିଥିଲେ।

## ଆମ୍ବଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ଶଗଡ଼ା, ୩୧।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବେଦବ୍ୟାସ ପୁଟାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ପ୍ରତିମା ରଣା, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନ୍ଦରଧର ବେହେରା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ଦେବେନ୍ଦ୍ର ରଣା, ୱାର୍ଡସଭ୍ୟ ରଷି ରଣା, ଗ୍ରାମର ଗଉଁନ୍ତିଆ ମୋତିଲାଲ ରଣା, ଚଞ୍ଚଳରଣା ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ପ୍ରେମଲାଲ ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟତ୍ରୀ ରଜନୀ କହଁର ବାର୍ଷିକ ବିବରଣୀ ପାଠ ସହ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ପ୍ରେମଶୀଳା ସେଠୀ ଧନ୍ୟବାଦ ଦେଇଥିଲେ।



## ରଣ୍ଡିମହୁଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ମନମୁଣ୍ଡା, ୩୧।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ରଣ୍ଡିମହୁଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଦ୍ଧବ ମହାଲିକ, କଣ୍ଟାମାଳ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଦେବଦାସ ମହାପାତ୍ର, ସରପଞ୍ଚ ପଞ୍ଚାନନ ସାହୁ, ଏସଏମସି ସଭାପତି ଦେବେନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନରଞ୍ଜନ ରାଉଳ, ପୂର୍ବତନ ଏସଏମସି ସଭାପତି ରମାକାନ୍ତ ସାହୁ, ପୂର୍ଣ୍ଣଚରଣ ସାହୁ, ଶିକ୍ଷକ ବୁଧୁରାମ ପଣ୍ଡା, ମୋ ସ୍କୁଲ ଅଭିଯାନର ସଭାପତି ସୁଧୀର ଖଟୁଆ, ଉମାକାନ୍ତ ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଆଲୋକ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ଜଗନ୍ନାଥ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ପ୍ରଭାତ ଖମାରୀ ମଞ୍ଚ ପରିଚାଳନା କରିଥିଲେ।

## ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ: ଜଣେ ଗୁରୁତର

**ଶଗଡ଼ା, ୩୧।୩ (ସମିସ):** ମନମୁଣ୍ଡା ଥାନା ଶଗଡ଼ା ଫାଣ୍ଡି ମାଳତୀ ଗୋଛାପଡ଼ା ଗ୍ରାମ ନିକଟରେ ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହାଫଳରେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ହେଲେ ମନମୁଣ୍ଡା ଥାନା ଗୁହୁଲିଆ ଗ୍ରାମର ବାବୁଲୁ ନାଏକ। ସେ ତାଙ୍କର ଜଣେ ସମ୍ପର୍କୀୟଙ୍କ କୌଣସି ପାରିବାରିକ କାର୍ଯ୍ୟକ୍ରମରେ ଯୋଗ ଦେଇ ବାଇକ ଯୋଗେ ଘରକୁ ଫେରୁଥିଲେ। ଦୁର୍ଭାଗ୍ୟକୁ ମାଳତୀ ଗୋଛାପଡ଼ା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏହାଫଳରେ ସେ ଗୁରୁତର ଆହତ ହୋଇଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଉଦ୍ଧାର କରି ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଅନ୍ତ୍ୟୋଦୟ ଗୃହ ଯୋଜନା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

**ବୌଦ୍ଧ, ୩୧।୩(ସମିସ):** ବୌଦ୍ଧ ବ୍ଲକ ମୁର୍ଶୁଣ୍ଡିସ୍ଥିତ ଖେଳ ପଡ଼ିଆରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର ପ୍ରମୁଖ ଯୋଗ ଦେଇଥିଲେ।

## ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭ୍ରମଣ

**ମନମୁଣ୍ଡା, ୩୧।୩(ସମିସ):** ମନମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଖଟଖଟିଆ ଉଚ୍ଚ ବିଦ୍ୟାଳୟ ସମେତ କଣ୍ଟାମାଳ ବ୍ଲକର ପ୍ରାୟ ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସମ୍ବଲପୁର ଗସ୍ତ କରିଥିଲେ। ଛାତ୍ରଛାତ୍ରୀ ମନମୁଣ୍ଡା ଉଚ୍ଚ ବିଦ୍ୟାଳୟରୁ ଏକ ସ୍ୱତନ୍ତ୍ର ବସ୍ ଯୋଗେ ବାହାରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନମିତା ନାଏକ ପତାକା ଦେଖାଇ ଗସ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମନମୁଣ୍ଡା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ମମତା ନାୟକ, ଖଟଖଟିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନି ଖେତି, ଶିକ୍ଷକ ସଞ୍ଜୟ ବିଶ୍ୱାଳ, ଆକାଶ ମେହେର ୪୧ ଜଣ ଛାତ୍ରଛାତ୍ରୀଙ୍କ ନେତୃତ୍ୱ ନେଇଥିଲେ। ହରଭଙ୍ଗା ଏବଂ ବୌଦ୍ଧ ବ୍ଲକ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମଧ୍ୟ ସେମାନଙ୍କ ଗାଇଡ ଶିକ୍ଷକଙ୍କ ସହ ଏଥିରେ ସାମିଲ ହୋଇଥିଲେ। ଜିଲ୍ଲାର ମୋଟ ୧୨୩ ଜଣ ଛାତ୍ରଛାତ୍ରୀ ସମ୍ବଲପୁରର ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ ମେନେଜମେଣ୍ଟ (ଆଇଆଇଏମ୍), ହୀରାକୁଦ ବନ୍ଧ, ସମ୍ବଲେଶ୍ୱରି ମନ୍ଦିର, ବୁର୍ଲା ପ୍ଲାନେଟରିୟମ, ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତି ବିହାର), ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମେତ ଅନେକ ସ୍ଥାନ ପରିଦର୍ଶନ କରିଥିଲେ।

## ଗୋସିୟା ମସଜିଦରେ ଇଦ-ଉଲ୍-ଫିତର

**ଶଗଡ଼ା, ୩୧।୩( ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡାସ୍ଥିତ ଗୋସିୟା ମସଜିଦରେ ସୋମବାର ସକାଳେ ମୁସଲମାନ ସମ୍ପ୍ରଦାୟର ପବିତ୍ର ଇଦ୍-ଉଲ୍-ଫିତର ପର୍ବ ପାଳିତ ହୋଇଯାଇଛି। ଦୀର୍ଘ ଏକ ମାସ ଧରି ମୁସଲମାନ ସମ୍ପ୍ରଦାୟ କଠୋର ଉପବାସ ରହି ରୋଜା କରି ଆସୁଥିଲେ। ରବିବାର ରୋଜା ସରିବା ପରେ ସୋମବାର ମସଜିଦରେ ସମୂହ ନମାଜ ପାଠ କରି ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ଇମାମ୍ ହାଫିଜ୍ ସୋହେଲ ନମାଜ ପାଠ କରାଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ମହମ୍ମଦ ନସିଦ୍ ଖାନ୍, ମହମ୍ମଦ ଇମ୍ରାନ୍ ଖାନ୍, ଜାକୀର୍ ହୁସେନ ପ୍ରମୁଖ ସହଯୋଗ କରିଥିଲେ।

## କୃଷକ ଉତ୍ପାଦକ କମ୍ପାନୀ କର୍ତ୍ତୃପକ୍ଷଙ୍କ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ

**ବୌଦ୍ଧ, ୩୧।୩ (ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ପାଲଝାରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ଏକ ଟିମ୍ ପରିଦର୍ଶନ କରିଛନ୍ତି। ବଲାଙ୍ଗୀର କୃଷି ବିଜ୍ଞାନ କେନ୍ଦ୍ରର କୃଷି ବୈଜ୍ଞାନିକ ଡ. ମନୋଜ ବାରିକଙ୍କ ନେତୃତ୍ୱରେ ୫ଟି କୃଷକ ଉତ୍ପାଦକ କମ୍ପାନୀର ୧୫ଜଣ ନିର୍ଦ୍ଦେଶକ ଓ ସିଇଓ ପରିଦର୍ଶନରେ ଆସିଥିଲେ। ଏହାପରେ ବଘିଆପଡ଼ା ପଞ୍ଚାୟତ ଭୋକ୍ତାପଡ଼ାସ୍ଥିତଚାଷୀ ବିକ୍ରମ ଦଲେଇଙ୍କ ସମନ୍ୱିତ କୃଷି ଫାର୍ମରେ ଆମ୍ବ ବଗିଚା, ନଡ଼ିଆ, ପିଜୁଳି ବଗିଚା ସହ ଧଳା ଘୁଷୁରୀ ପାଳନ କେନ୍ଦ୍ର ପରିଦର୍ଶନ କରିଥିଲେ। ଏଥିରେ ବୌଦ୍ଧ ପାଲଝାରସ୍ଥିତ କେ ଭି କେ ବୈଜ୍ଞାନିକ ଡ. ମୟୂରୀ ସିଂ ସର୍ଦାର ଓ ଡ, ସମାପିକା ଦଳାଇ ସହଯୋଗ କରିଥିଲେ।

## ଜଳମିତ୍ରମାନଙ୍କ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ



**ଶଗଡ଼ା, ୩୧।୩(ସମିସ):** : କଣ୍ଟାମାଳ ବ୍ଲକ କନଫରେନ୍ସ ସଭା ଗୃହରେ ଜଳମିତ୍ରମାନଙ୍କୁ ସବୁଜ ଜଳ ବାୟୁ ପାଣି ଶୀର୍ଷକ ତାଲିମ ପ୍ରଦାନ କରାଯାଇଛି। ମାନସ ରଞ୍ଜନ ଧଳ, ଅର୍ଜୁନ ଦାସ ଯୋଗଦେଇ ବିଶ୍ୱ ଜଳବାୟୁ ପରିବର୍ତ୍ତନରେ ଜଳର ଆବଶ୍ୟକ, ଗୁରୁତ୍ୱ, ନିରାକରଣରେ ଜଳମିତ୍ରମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ତାଲିମ ଦେଇଥିଲେ। ୨୪ଟି ପଞ୍ଚାୟତରୁ ପ୍ରାୟ ୩ଶହ ଜଳମିତ୍ରଙ୍କୁ ୭ଟି ପର୍ଯ୍ୟାୟରେ ୧୪ଦିନ ବ୍ୟାପି ତାଲିମ ଦିଆଯାଇଥିଲା। ସଞ୍ଜିତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଣ୍ଟାମାଳ ବିଡିଓ ସାମି ଜୟଶ୍ରୀ ରେ‡ୀ ଜଳମିତ୍ରମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଠାକୁର ଚରଣ ନାୟକ ସହଯୋଗ କରିଥିବା ବେଳେ ସମ୍ପାଦକ ରତ୍ନାକର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବୌଦ୍ଧରେ ୩୫ ୟୁନିଟ୍ ସଂଗ୍ରହ



**ବୌଦ୍ଧ, ୩୧।୩(ସମିସ):** ବୌଦ୍ଧ ରକ୍ତ ଭଣ୍ଡାରରେ ରାଷ୍ଟ୍ରୀୟ ନବବର୍ଷ ଅବସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ମାଧବ ସେବା ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଙ୍ଘ ଚାଳକ ସୂର୍ଯ୍ୟକାନ୍ତ ଦଳ ବେହେରାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ ଯୋଗ ଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମ ପ୍ରାନ୍ତ ଗୋ-ସେବା ପ୍ରମୁଖ ଲକ୍ଷ୍ମଣ ନାୟକ, ବିଜେପି ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର, ଜିଲ୍ଲା ପତଞ୍ଜଳି ଯୋଗ ସମିତି ଆବାହକ ଦେବାଶିଷ ପୁରୋହିତ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ବରିଷ୍ଠ ସଦସ୍ୟ ରଘୁନାଥ ଷଡ଼ଙ୍ଗୀ, ଶିବରାମ ସାହୁ, ଦିଲୀପ ସାହୁ, ଲକ୍ଷ୍ମୀକାନ୍ତ ଯାନୀ, ବିଜୟ ସାହୁ, ପ୍ରଦୀପ ସାଥୁଆ, ପଦ୍ମଚରଣ ମେହେର, ନିରଞ୍ଜନ ମେହେର, ଲୋକନାଥ ଶତପଥୀଙ୍କ ସମେତ ବିଭିନ୍ନ ଶାଖାର ସ୍ୱୟଂସେବକ, ବଜରଙ୍ଗ ଦଳର ଜିଲ୍ଲା ସଭାପତି ସଞ୍ଜୀବ ସାହୁ ଓ କାର୍ଯ୍ୟକର୍ତ୍ତା, ତପସ୍ୱିନୀ ଜିଲ୍ଲା ସଂଯୋଜିକା ଗୀତାରାଣୀ ରାୟଚୌଧୁରୀ, ଏବିଭିପି ଜିଲ୍ଲା ସଂଯୋଜକ ପ୍ରତ୍ୟୁଷ ଦାନୀ ଓ କାର୍ଯ୍ୟକର୍ତ୍ତା, ଅଧ୍ୟାପକ ସଦାନନ୍ଦ ମାହାର, ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ସାହୁ ପ୍ରମୁଖ ସହଯୋଗ କରିବା ସହ ରକ୍ତଦାନ କରିଥିଲେ। ଶିବିରରେ ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

# ଓଡିଆ ପକ୍ଷ ପାଳନ ପାଇଁ ଜୋରଦାର ପ୍ରସ୍ତୁତି

**ବୌଦ୍ଧ, ୩୧।୩(ସମିସ):**

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ ହଲରେ ଜିଲ୍ଲାସ୍ତରୀୟ ଓଡ଼ିଆ ପକ୍ଷ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରୁ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଭାସୀ ବୈଠକରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସଚିବ, ନିର୍ଦ୍ଦେଶକ, ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ସାମିଲ ଥିଲେ।

ଓଡ଼ିଶା ଦିବସଠାରୁ ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ୧୪ ଦିନ ବ୍ୟାପୀ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟକ୍ରମ ଲାଗି ରାଜ୍ୟ ସରକାର ନିଷ୍ପତ୍ତି




ଗ୍ରହଣ କରିଛନ୍ତି। ଓଡ଼ିଶା ଦିବସ ପାଳନ ସହ ଖଡ଼ିଛୁଆଁ ଉତ୍ସବ, ସଚେତନତା ରଥ ପରିକ୍ରମା, ପାରମ୍ପରିକ ପୋଷାକ ପରିଧାନ ଦିବସ, ଓଡିଆରେ ନାମ ଫଳକ ଲେଖିବା ପାଇଁ ସଚେତନତା କାର୍ଯ୍ୟକ୍ରମ, ଗଣ ଦୌଡ, ସ୍ୱଚ୍ଛତା ଅଭିଯାନ, ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ, ରକ୍ତଦାନ, ଆସ ବହିଟିଏ କିଣିବା, ଲୋକ କଳା ଗ୍ରାମ ପରିଦର୍ଶନ, ଯୁବ ଲେଖକ ସମ୍ମିଳନୀ, ଓଡ଼ିଶାରେ ବରପୁତ୍ରମାନଙ୍କ ଉପରେ ଆଲୋଚନା ଚକ୍ର, ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ଓ ଶେଷରେ ୧୪ ତାରିଖ ଦିନ ଓଡିଆ ନବ ବର୍ଷ ପାଳନ ଉପଲକ୍ଷେ ହୁଳହୁଳି, ଝୋଟି, ଚିତା, ମୁରୁଜ, ପିଠା ପଣା ପ୍ରତିଯୋଗିତା କରାଯାଇ ଓଡ଼ିଆ ପକ୍ଷ ପାଳନର ଉଦ୍‌ଯାପନ କରାଯିବ।

ତେବେ ଏହି ବୈଠକ ପରେ ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, ଡ଼. ବି. କେ. ଆର. ସି. ଦେଓ ହେମ୍ବ୍ରମ, ଅବକାରୀ ଅଧିକ୍ଷକ ଶାନ୍ତି ମାରାଣ୍ଡି, ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ କନ୍ୟାକୁମାରୀ ସାହୁ, ଯୋଗାଣ ବିଭାଗର ଅଧିକାରୀ ଦୀପ୍ତିରେଖା ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଜିଲ୍ଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ରୁର ଯାନୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ଇଂ. ଯୋଗୀନ୍ଦ୍ର ରଥ, ପଲ୍ଲବୀ ସାମଲ, ଟୁନି ମେହେର, ରଶ୍ମିରଞ୍ଜନ ସେଠୀ, ହରଭଙ୍ଗା ସିଡିପିଓ ଦୀପ୍ତିମୟୀ ପାତ୍ର, ରୀନା ମହାନ୍ତି, ସମୀର ନାଏକ, ଅରୂପାନନ୍ଦ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

ସେହିଭଳି ବୌଦ୍ଧ ସହର ଚନ୍ଦ୍ରଚୁଡ ୟୁପି ସ୍କୁଲ ପରିସରରେ ଓଡ଼ିଶା ଦିବସ ଓ ଓଡିଆ ପକ୍ଷ ପାଳନ ପାଇଁ ବୌଦ୍ଧ ଜିଲ୍ଲା ଶାଖା ଉତ୍କଳ ସମ୍ମିଳନୀର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ପଦ୍ମାଳୟା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୋପାଳ ଅମାତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ନୀଳ ଲୋହିତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

